# NATIONAL NEWS BULLETIN (ODIA)

## 23 July - 2025

## Morning Bulletin : 7.15 A.M.

**********************************************

## ମୁଖ୍ୟ ସମ୍ବାଦ

- ଆଜିଠାରୁ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ବ୍ରିଟେନ୍ ଏବଂ ମାଳଦୀପକୁ ଗସ୍ତରେ ଯାଉଛନ୍ତି ପ୍ରଧାନମନ୍ତ୍ରୀ ।
- ପାକିସ୍ତାନ ବିମାନ ଗୁଡ଼ିକର ଭାରତର ଘରୋଇ ବାୟୁସୀମା ପ୍ରବେଶ ଉପରେ ଜାରି କଟକଣା ଅଗଷ୍ଟ ୨୩ ତାରିଖ ପର୍ଯ୍ୟନ୍ତ ବୃଦ୍ଧି ।
- ଆଜି ପାଳନ କରାଯାଉଛି ଜାତୀୟ ପ୍ରସାରଣ ଦିବସ ।
- ବାଂଲାଦେଶ ବିମାନ ଦୁର୍ଘଟଣାରେ ଆହତଙ୍କର ଚିକିତ୍ସା ପାଇଁ ଖୁବ୍ ଶୀଘ୍ର ଭାରତରୁ ଯିବେ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଦଳ ।

ଏବଂ

- ଭାରତ-ଇଂଲଣ୍ଡ ମହିଳା ତିନିଟିକିଆ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌କୁ ୨-୧ରେ ଅକ୍ତିଆର କଲା ଭାରତ ।

# ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ବ୍ରିଟେନ୍ ଏବଂ ମାଳଦୀପକୁ ଗସ୍ତରେ ଯାଉଛନ୍ତି । ପ୍ରଥମ ପର୍ଯ୍ୟାୟରେ ଆଜି ସନ୍ଧ୍ୟାରେ ଶ୍ରୀ ମୋଦୀ ଲଣ୍ଡନ ଠାରେ ପହଞ୍ଚିବେ । ଭାରତ-ବ୍ରିଟେନ୍ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ମଜବୁତ କରିବା ହେଉଛି ପ୍ରଧାନମନ୍ତ୍ରୀଙ୍କର ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ । ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର୍ଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀ ମୋଦୀ ଏହି ଗସ୍ତରେ ଯାଉଛନ୍ତି । ବିଭିନ୍ନ ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗ ନେଇ ଉଭୟ ନେତାଙ୍କ ମଧ୍ୟରେ ମତବିନିମୟ ହେବ । ବ୍ରିଟେନ୍‌ରେ ଅବସ୍ଥାପିତ ଭାରତର ଉଚ୍ଚାୟୁକ୍ତ ବ୍ରିକମ କୁମାର ଦୋରାଇସ୍ୱାମୀ କହିଛନ୍ତି, ଶ୍ରୀ ମୋଦୀଙ୍କ ଏହି ଗସ୍ତ ଉଭୟ ଦେଶ ପାଇଁ ଲାଭଦାୟକ ସାବ୍ୟସ୍ତ ହେବ । ଭବିଷ୍ୟତରେ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେବାରେ ଏହା ମାର୍ଗ ଉନ୍ମୁକ୍ତ କରିବାର ସମ୍ଭାବନା ରହିଛି । ଏ ସମ୍ପର୍କରେ ସୂଚନା ଦେଇ ଲଣ୍ଡନରୁ ଆମ ପ୍ରତିନିଧି କହିଛନ୍ତି,

**V/O-Rajesh Bali**

ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ କିଙ୍ଗ୍ ଚାର୍ଲସ୍ ତୃତୀୟଙ୍କ ସହ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କର ଏହା ବ୍ରିଟେନ୍‌କୁ ଚତୁର୍ଥ ଗସ୍ତ ।

ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତା ୨୫ ତାରିଖରୁ ପ୍ରଧାନମନ୍ତ୍ରୀ ଦୁଇଦିନିଆ ମାଳଦୀପକୁ ଗସ୍ତରେ ଯିବେ । ମାଳଦୀପ ରାଷ୍ଟ୍ରପତି ଡକ୍ଟର ମହମ୍ମଦ ମୁଇଜୁଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀ ମୋଦୀ ଏହି ଗସ୍ତରେ ଯିବା ସହ ମାଳଦୀପର ୬୦ତମ

ସ୍ୱାଧୀନତା ଦିବସ ସମାରୋହରେ ସମ୍ମାନିତ ଅତିଥି ଭାବେ ଯୋଗ ଦେବେ । ଏହି ଅବସରରେ ମାଳଦୀପ ରାଷ୍ଟ୍ରପତିଙ୍କ ସହ ଦ୍ୱିପାକ୍ଷିକ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରଧାନମନ୍ତ୍ରୀ ଆଲୋଚନା କରିବେ ।

## ସିକଲ୍ ସେଲ୍

ଜାତୀୟ ସିକଲ୍ ସେଲ୍ ମିଶନ୍ ଅଧୀନରେ ଏ ପର୍ଯ୍ୟନ୍ତ ମୋଟ୍ ୬ କୋଟି ଲୋକଙ୍କ ପରୀକ୍ଷା କରାଯାଇଛି । ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଏହି ଲୋକଙ୍କ ମଧ୍ୟରେ ୨ ଲକ୍ଷ ୧୫ ହଜାର ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୧୬ ଲକ୍ଷରୁ ଅଧିକ ସିକଲ୍ ସେଲ୍ ରୋଗ ବାହକ ଥିବା ଜଣାପଡ଼ିଛି । ମଧ୍ୟପ୍ରଦେଶ, ଗୁଜରାଟ, ରାଜସ୍ଥାନ, ତେଲଙ୍ଗାନା, କର୍ଣ୍ଣାଟକ ଏବଂ ଉତ୍ତରାଖଣ୍ଡ ସମେତ ବିଭିନ୍ନ ରାଜ୍ୟରେ ପରୀକ୍ଷଣକୁ ଅଧିକ ତ୍ୱରାନ୍ୱିତ କରାଯାଇଥିଲା । ଓଡ଼ିଶା, ଛତିଶଗଡ଼, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ ଗୁଜରାଟରେ ଚିହ୍ନଟଙ୍କ ମଧ୍ୟରେ ଅଧିକ ଥିବା ଜଣାପଡ଼ିଛି । ୨୦୨୩ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ସିକଲ୍ ସେଲ୍ ରୋଗ ନିରାକରଣ ମିଶନ୍ ଉଦ୍‌ଘାଟନ କରିଥିଲେ । ୨୦୪୭ ସୁଦ୍ଧା ଦେଶକୁ ସିକଲ୍ ସେଲ୍ ଆନିମିଆ ମୁକ୍ତ କରିବା ଲକ୍ଷ୍ୟ ନେଇ ଏହି ମିଶନ୍‌କୁ କାର୍ଯ୍ୟକାରି କରାଯାଇଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ କହିଛି ।

## ଇଣ୍ଡିଆ ଏୟାର୍‌ସ୍ପେସ୍-ପାକ୍

ପାକିସ୍ତାନ ବିମାନଗୁଡ଼ିକର ଭାରତର ଘରୋଇ ବାୟୁ ସୀମା ପ୍ରବେଶ ଉପରେ କଟକଣାକୁ ଅଗଷ୍ଟ ୨୩ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ବେସାମରିକ ବିମାନ ଚଳାଚଳ ରାଷ୍ଟ୍ର ମନ୍ତ୍ରୀ ମୁରଲୀଧର ମାହୋଲ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଏହି ସମୟସୀମା ବୃଦ୍ଧି ନେଇ ସମ୍ପୃକ୍ତ ପକ୍ଷଙ୍କୁ ନୋଟିସ୍ ଜାରି କରାଯାଇଛି । ଭାରତୀୟ ବିମାନଗୁଡ଼ିକର ପାକିସ୍ତାନ ବାୟୁସୀମା ପ୍ରବେଶ ଉପରେ କଟକଣା ଜାରି ପରିପ୍ରେକ୍ଷୀରେ ଭାରତ ପକ୍ଷରୁ ଏହି କଟକଣା ଲାଗୁ କରାଯାଇଥିଲା । ପାକିସ୍ତାନ ମଧ୍ୟ ଏହାର କଟକଣାକୁ ଆସନ୍ତାମାସ ୨୪ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛି । ଏପରିକି ଆଜିଠାରୁ ୨୫ ତାରିଖ ପର୍ଯ୍ୟନ୍ତ ଭାରତ-ପାକିସ୍ତାନ ସୀମାରେ ରାଜସ୍ଥାନରେ ହେବାକୁ ଥିବା ଭାରତୀୟ ବାୟୁସେନା ଅଭ୍ୟାସ ପାଇଁ ଏୟାର୍ ମ୍ୟାନ୍‌ଙ୍କୁ ନୋଟିସ୍ ଜାରି କରାଯାଇଛି । ଏହି ପ୍ରମୁଖ ସାମରିକ ଅଭ୍ୟାସ ବାରମେର୍‌ରୁ ଜୋଧପୁର ପର୍ଯ୍ୟନ୍ତ ଜାରି ରହିବ ବୋଲି ବାୟୁସେନା ସୂଚନା ଦେଇଛି ।

## ଜେକେ ୱେବ୍‌ପୋର୍ଟାଲ୍

ଜାମ୍ମୁ କାଶ୍ମୀରରେ ଆତଙ୍କବାଦ ପ୍ରଭାବିତ ପରିବାରକୁ ସହାୟତା ପ୍ରଦାନ କରିବା ଲକ୍ଷ୍ୟ ନେଇ ଏକ ଉତ୍ସର୍ଗୀକୃତ ୱେବ୍‌ପୋର୍ଟାଲ୍‌ର ଶୁଭାରମ୍ଭ କରାଯାଇଛି । ରାଜ୍ୟପାଳ ମନୋଜ ସିହ୍ନା ଏହାକୁ ଶୁଭାରମ୍ଭ କରିବା ସହ କହିଛନ୍ତି, ଏଭଳି ପଦକ୍ଷେପ କେନ୍ଦ୍ର ଶାସିତ ଅଞ୍ଚଳରେ ଆତଙ୍କବାଦର ଶିକାର ହୋଇଥିବା ଲୋକଙ୍କୁ ରିଲିଫ୍ ଏବଂ ଅନ୍ୟାନ୍ୟ ସହାୟତା ପ୍ରଦାନ କରିବାରେ

ସହାୟକ ହେବ । ଜିଲ୍ଲାଓ୍ୱାରି ତଥ୍ୟକୁ ଏଥିରେ ସାମିଲ କରାଯିବା ସହ ରିଲିଫ୍ ପ୍ରଦାନକୁ ସାମୀକ୍ଷା କରିବାରେ ଏହା ଉପଯୋଗ ହେବ । ପିଡ଼ିତଙ୍କୁ ଆର୍ଥିକ ସହାୟତା, ଅନୁକମ୍ପା ମୂଳକ କ୍ଷତିପୂରଣ ରାଶି ଏବଂ ଅନ୍ୟାନ୍ୟ ସହଯୋଗ ପ୍ରଦାନ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ । ସ୍ୱଚ୍ଛତା ଏବଂ ସମୟୋଚିତ ସହାୟତା ଉପରେ ରାଜ୍ୟପାଳ ଶ୍ରୀ ସିହ୍ନା ଗୁରୁତ୍ୱାରୋପ କରିଛନ୍ତି । ବିଚାରାଧୀନ ଥିବା ଦାବି ଗୁଡ଼ିକ ପାଇଁ ଜାମ୍ମୁ ଏବଂ କାଶ୍ମୀରରେ ପୃଥକ ପୃଥକ ଟୋଲି ଫ୍ରି ହେଲ୍ପଲାଇନ୍ ନମ୍ବର ଜାରି କରାଯାଇଛି ।

## ନ୍ୟାସନାଲ୍ ବ୍ରଡ୍କାଷ୍ଟିଂ ଡେ

ଜାତୀୟ ପ୍ରସାରଣ ଦିବସ ଆଜି ପାଳନ କରାଯାଉଛି । ୧୯୨୭ ମସିହାରୁ ଆଜିର ଦିବସରେ ପ୍ରଥମ ରେଡିଓ ପ୍ରସାରଣକୁ ସ୍ମରଣ କରିବା ସହ ଅଲ୍ ଇଣ୍ଡିଆ ରେଡ଼ିଓର ପ୍ରତିଷ୍ଠା ଦିବସ ଭାବେ ପ୍ରତ୍ୟେକ ବର୍ଷ ଜୁଲାଇ ୨୩ ତାରିଖକୁ ପାଳନ କରାଯାଇଥାଏ । ଦେଶରେ ପ୍ରସାରଣ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସ୍ୱୀକୃତି ଦେବା ଏବଂ ଗଣମାଧ୍ୟମ ଯୋଗାଯୋଗ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ସଂସ୍ଥା ଏବଂ ବ୍ୟକ୍ତିବିଶେଷଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥାଏ । ଏ ସମ୍ପର୍କରେ ପ୍ରସାରଭାରତୀ ଅଧ୍ୟକ୍ଷ ନବନିତ ସେହେଗଲ କହିଛନ୍ତି, **V/O**

ଜାତୀୟ ପ୍ରସାରଣ ଦିବସ ପାଳନ ଅବସରରେ ପ୍ରସାର ଭାରତୀର କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୌରବ ଦ୍ୱିବେଦୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି, ଆଜିର ଦିବସରେ ଆମେ ଆକାଶବାଣୀର

୯୦ତମ ବାର୍ଷିକୀ ପାଳନ କରୁଛେ । ଆସନ୍ତା ୨୦୨୭ ଜୁଲାଇ ୨୩ ତାରିଖରେ ରେଡିଓ ପ୍ରସାରଣର ଶତବାର୍ଷିକୀ ପାଳନ କରାଯିବ ।

ଏହି ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇ ଆକାଶବାଣୀ ମହାନିର୍ଦ୍ଦେଶକ ଡକ୍ଟର ପ୍ରଜ୍ଞା ପାଲିଓ୍ୱାଲ୍ ଗୌର୍ କହିଛନ୍ତି, ଆଜିର ଦିବସରେ ଭାରତ ଏହାର ପ୍ରଥମ ପ୍ରସାରଣକୁ ସ୍ମରଣ କରୁଛି । ଭବିଷ୍ୟତ ପ୍ରସାରଣ କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବା ଉପରେ ଏହି ଦିବସ ପାଳନ ଗୁରୁତ୍ୱ ପ୍ରଦାନ କରୁଛି ବୋଲି ଡକ୍ଟର ଗୌର କହିଚନ୍ତି ।

## ଏମ୍ଇଏ ଢାକା

ବାଂଲାଦେଶ ବିମାନ ଦୁର୍ଘଟଣାରେ ଆହତଙ୍କର ଚିକିତ୍ସା ପାଇଁ ଖୁବ୍ ଶୀଘ୍ର ଭାରତରୁ ପୋଡ଼ିଯାଇଥିବା ରୋଗୀଙ୍କ ଚିକିତ୍ସା ବିଶେଷଜ୍ଞ ଡାକ୍ତର ଏବଂ ନର୍ସ୍‌ଙ୍କର ଏକ ଦଳ ଢାକା ଗସ୍ତରେ ଯିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇ କହିଛି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଢାକା ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ପ୍ରତି ଗଭୀର ଦୁଃଖ ପ୍ରକାଶ କରିବା ସହ ଆହତଙ୍କ ଚିକିତ୍ସା ପାଇଁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଡାକ୍ତର ଏବଂ ନର୍ସଙ୍କର ଏହି ଦଳ ସେଠାରେ ପହଞ୍ଚି ଆହତଙ୍କ ଚିକିତ୍ସା ପରିସ୍ଥିତି ସମୀକ୍ଷା କରିବା ସହ ଆବଶ୍ୟକ ପଡ଼ିଲେ ଭାରତରୁ ଅଧିକ ଚିକିତ୍ସା ଏବଂ ବିଶେଷଜ୍ଞ ଡାକ୍ତରଙ୍କ ସହାୟତା ପାଇଁ ସୁପାରିଶ କରିପାରିବେ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସୂଚନା ଦେଇଛି ।

## ନେଭି ସେମିନାର

ଭାରତୀୟ ନୌସେନା ପକ୍ଷରୁ ନୂଆଦିଲ୍ଲୀ ଠାରେ ଆଜି ଏକ ଦିନିକିଆ ଜାହାଜ ନିର୍ମାଣ ସମ୍ମିଳନୀ ଆୟୋଜନ କରାଯାଉଛି । ଜାହାଜ ନିର୍ମାଣ ସହିତ ଜଡ଼ିତ ବିଭିନ୍ନ ଦିଗ ଉପରେ ସମନ୍ୱିତ ଏବଂ ବିକାଶ ଆଧାରିତ ମତ ବିନିମୟ ପାଇଁ ଏହି ସମ୍ମିଳନୀ ଏକ ମଞ୍ଚ ପ୍ରଦାନ କରିବ । ଶିଳ୍ପୋଦ୍ୟୋଗୀ, ଭାରତୀୟ ନୌସେନାର ପ୍ରତିନିଧି, ସରକାରୀ ଅଧିକାରୀ ଏବଂ ଜାହାଜ ନିର୍ମାଣ କ୍ଷେତ୍ରରେ ସଂଶ୍ଳିଷ୍ଟ ଥିବା ବିଭିନ୍ନ ଅଂଶିଦାର ଏହି ସମ୍ମିଳନୀରେ ଅଂଶଗ୍ରହଣ କରୁଛନ୍ତି । ଏ କ୍ଷେତ୍ରରେ ଭବିଷ୍ୟତ ପ୍ରଯୁକ୍ତିବିଦ୍ୟାର ଉପଯୋଗ ନେଇ ପଦକ୍ଷେପ ଗୁଡ଼ିକ ଉପରେ ଆଲୋଚନା ଅନୁଷ୍ଠିତ ହେବ । ଜାହାଜ ନିର୍ମାଣ ଏବଂ ବିଭିନ୍ନ କ୍ଷେତ୍ରରେ ରହିଥିବା ସମସ୍ୟା ଗୁଡ଼ିକର ସମାଧାନ ଏବଂ ବିଶ୍ୱସ୍ତରୀୟ ମାନକ ପୁରଣ କରିବା ଲକ୍ଷ୍ୟ ନେଇ ଏହି ସମ୍ମିଳନୀର ଆୟୋଜନ କରାଯାଇଥିବା ଜଣାପଡ଼ିଛି ।

## ଡବ୍ଲୁଏଚ୍‌ଓ-ଇସ୍ରାଏଲ୍

ଗାଜାର ଦେଇର୍ ଆଲ୍‌ବାଲାହାରେ ଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କର୍ମଚାରୀଙ୍କ ବାସଭବନ ଏବଂ ମୁଖ୍ୟ ଗୋଦାମ ଇସ୍ରାଏଲ୍ ଆକ୍ରମଣ ଦ୍ୱାରା କ୍ଷତିଗ୍ରସ୍ତ ହୋଇଛି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଡବ୍ଲ୍ୟୁ.ଏଚ୍.ଓ. କହିଛି । ଏହାର ରିପୋର୍ଟ୍‌ରେ ମାନବିକ ସହାୟତାକୁ ଏହା ବିପଦରେ ପକାଉଛି ବୋଲି ଡବ୍ଲ୍ୟୁ.ଏଚ୍.ଓ. ଉଲ୍ଲେଖ କରିଛି । ଏହି ବାସଭବନ ଗୁଡ଼ିକ ଉପରେ ତିନୋଟି ଆକ୍ରମଣ ହୋଇଛି । ଫଳରେ ସେଠାରେ ଅଗ୍ନିକାଣ୍ଡ ଏବଂ ଗୁରୁତର କ୍ଷୟକ୍ଷତି

ହୋଇଛି । ଇସ୍ରାଏଲ୍ ସେନା ସେଠାକାର କର୍ମଚାରୀ ଏବଂ ପରିବାର ସଦସ୍ୟଙ୍କୁ ଅଟକ ରଖି ପଚରା ଉଚରା କରିଥିବା ଜଣାପଡ଼ିଛି । ଡବ୍ଲୁ.ଏଚ୍.ଓ. ସେମାନଙ୍କୁ ତୁରନ୍ତ ମୁକ୍ତି କରିବାକୁ ଆହ୍ୱାନ ଦେଇଛି । ଏହି ଆକ୍ରମଣ ସତ୍ତ୍ୱେ ସଂଗଠନର କାର୍ଯ୍ୟଧାରା ଜାରି ରହିବ ବୋଲି ଡବ୍ଲୁ.ଏଚ୍.ଓ. ସ୍ପଷ୍ଟ କରିଛି ।

## ସ୍ପୋଟସ୍ ରାଉଣ୍ଡଅପ୍

ଭାରତ-ଇଂଲଣ୍ଡ ମହିଳା ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଚି । ଚେଷ୍ଟର୍ ଲିଷ୍ଟ୍ରିଟ୍ ଠାରେ ଗତକାଲି ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଇଂଲଣ୍ଡକୁ ଭାରତ ୧୩ ରନ୍‌ରେ ପରାସ୍ତ କରିଛି । ଏଥିସହ ସିରିଜ୍‌କୁ ୨-୧ରେ ଅକ୍ତିଆର କରିଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ ଆରମ୍ଭ କରିଥିବା ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୫ ୱିକେଟ୍ ବିନିମୟରେ ୩୧୮ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଅଧିନାୟକ ହରମନପ୍ରୀତ ୮୪ ବଲ୍‌ରୁ ୧୦୨ରନ୍ ସଂଗ୍ରହ କରିଥିଲେ । ୩୧୯ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଇଂଲଣ୍ଡ ୪୯ ଓଭର ଏବଂ ୫ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୩୦୫ରନ୍ ସଂଗ୍ରହ କରିଥିଲା । ଭାରତ ପକ୍ଷରୁ କ୍ରାନ୍ତି ଗୌଡ଼ ୬ଟି ୱିକେଟ୍ ଅକ୍ତିଆର କରିଥିଲେ । ହରମନପ୍ରୀତିଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଏବଂ ପ୍ଲେୟାର୍ ଅଫ୍ ଦି ସିରିଜ୍ ଘୋଷଣା କରାଯାଇଛି ।

ପୁରୁଷ କ୍ରିକେଟ୍‌ରେ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଆଜି ଚଳିତ ସିରିଜ୍‌ର ଚତୁର୍ଥ ଟେଷ୍ଟ ମ୍ୟାଚ୍ ଖେଳାଯିବ । ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫର୍ଡ୍ କ୍ରିକେଟ୍ ଗ୍ରାଉଣ୍ଡରେ ଭାରତୀୟ ସମୟ ଅପରାହ୍ଣ ସାଢ଼େ ତିନିଟାରେ ଏହି

ମ୍ୟାଚ୍ ଆରମ୍ଭ ହେବ । ଚଳିତ ସିରିଜ୍‌ରେ ଭାରତ ଏପର୍ଯ୍ୟନ୍ତ ୧-୨ରେ ପଛୁଆ ରହିଛି ।

ଡୁରାଣ୍ଡ କପ୍ ଫୁଟ୍‌ବଲ୍ ପ୍ରତିଯୋଗିତାର ୧୩୪ତମ ସଂସ୍କରଣ ଆଜିଠାରୁ ଆରମ୍ଭ ହେଉଛି । କୋଲକାତାର ବିବେକାନନ୍ଦ ଯୁବ ଭାରତୀ କ୍ରୀଡ଼ାଙ୍ଗନ ଠାରେ ଆଜି ଇଷ୍ଟ ବେଙ୍ଗଲ ଏଫ୍.ସି. ଏବଂ ସାଉଥ୍ ୟୁନାଇଟେଡ୍ ଏଫ୍.ସି. ମଧ୍ୟରେ ମ୍ୟାଚ୍ ଖେଳାଯିବ ।